# ତହସିଲଦାରଙ୍କ କାର୍ଯ୍ୟାଳୟ, ଗୁରୁଣ୍ଡିଆ

ପତ୍ର ସଂଖ୍ୟା- ୧୨୪୪ ତା- ୨୪/୦୯/୨୦୨୧

## ଦୀର୍ଘମିଆଦୀ ଲିଜ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଗୁରୁଣ୍ଡିଆ ତହସିଲ ଅର୍ନ୍ତଗତ ନିମ୍ନ ଲିଖିତ ସୈରାତ ଉତ୍ସ (ବାଲୁକା ଶଯ୍ୟା) ର ଆସନ୍ତା ୫ ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ଗୁରୁଣ୍ଡିଆଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC RULES-2016 ର Form-M ପୂରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି Sealed Cover ରେ Registered Post/ Speed Post ଜରିଆରେ ତହସିଲଦାର, ଗୁରୁଣ୍ଡିଆଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା Drop Box ରେ ଆସନ୍ତା ତା୧୭/୧୧/୨୦୨୧ରିଖ ଠାରୁ ତା୨୫/୧୧/୨୦୨୧ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ପକାଇ ପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଲଫାପା ଉପରେ ସୈରାତ କେସ୍ ନମ୍ବର ଲେଖାଥିବା ଆବଶ୍ୟକ । ତା୨୬/୧୧/୨୦୨୧ରିଖ ଦିନ ୧୧.୦୦ ଘଟିକା ସମୟରେ ଲିଜ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡ଼ିକ ତନଖି କରାଯିବ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତୀ ନିଲାମ ଯଥାକ୍ରମେ ତା୦୭/୧୨/୨୦୨୧ରିଖ ଏବଂ ତା୧୭/୧୨/୨୦୨୧ରିଖ (ଦିବା ୧୧.୦୦ ଘଟିକା) ସମୟରେ ଅନୁଷ୍ଠିତ ହେବ ।

## ଆବଶ୍ୟକୀୟ ଦସ୍ତାବିଜ

| | |
|---|---|
| ୧) | ଦରଖାସ୍ତ ପାଉଣୀ ବାବଦକୁ ଟ. ଟ.୧୦୦୦/- (ଏକହଜାର ଟଙ୍କା) ର ଟ୍ରେଜେରି ଚାଲାଣ । ( Head of Account- 0853-Non-ferrous-Mining and Metallurgical Industries-102-Mining Concession fees, Rents and Royalties) |
| ୨) | ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନ ପାଇଁ ଗମନ। ଗମନ ସୁବିଧା ,ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗ ନେବେ। |
| ୩) | ଲିଜ ପରେ ସୈରାତ ଚଲେବା ବାବଦକୁ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହି କିମ୍ବା କର୍ତ୍ତୁପକ୍ଷ ଦାୟୀ ହେବ ନାହି । |
| ୪) | ସୈରାତ ଉତ୍ସ ବାବଦକୁ କୌଣସି ବକେୟା ଅର୍ଥ ନଥିବା ନେଇ ଏକ ସତ୍ୟପାଠ । |
| ୫) | ଆବେଦନକାରୀ ରୟାଲିଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡ଼ା ୫% ହାରରେ ସ୍ଥିରିକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ଉପରେ ବଇନା ରାଶି (Earnest Money) ଓ ଅନ୍ୟାନ୍ୟ ଦେୟ ଡ଼ିମାଣ୍ଡ ଡ୍ରାଫ୍ଟ (Demand Draft) ଆକାରରେ ପଇଠ କରିବେ । |
| ୬) | ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ Solvency Certificate କିମ୍ବା ୧୮ ମାସ ପର୍ଯ୍ୟନ୍ତ ପ୍ରାପ୍ତଥିବା ବ୍ୟାଙ୍କ ଗ୍ୟାରେଣ୍ଟି (Bank Guarantee) ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ Royalty ଓ ପ୍ରଦାନ କରୁଥିବା Additional Charge ର ମୂଲ୍ୟଠାରୁ କମ୍ ହୋଇନଥିବ ଏବଂ ଏଥି ସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ ।<br>( A Solvency Certificate or Bank Guaranree vaild for a period fo 18 months for an amounts not less than the amount of additional charge offered and the royalty |

Scanned with CamScanner

| | |
|---|---|
| | paid in for the minimum guaranteed quality for one whole year and a list of immovable property from the Revenue authority. ) |
| ୭) | ଆବେଦନକାରୀ ଲିଜ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ଦାଖଲ କରିବେ । ନିଲାମଧାରୀ (Successful Bidder), Mining Plan and Environmental Clearance ବାବଦକୁ ଦେୟ ପଇଠ କରିବାକୁ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହାର ସଂଶୋଧନ କରିବା କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ବିବରଣୀ www.sundargarh.nic.in ରେ ଉପଲବ୍ଧ ହେବ । |

## ସର୍ତ୍ତାବଳୀ

| | |
|---|---|
| ୧) | ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ - ୨୦୧୬ (OMMC Rules 2016 & 2017) ର ପରିସର ଭୁକ୍ତ ରହିବେ ଏବଂ ଉସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ । |
| ୨) | ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମଧାରୀ ସମାନ ମୂଲ୍ୟ ପ୍ରଦାନ କରିଥିବେ, ତେବେ ଲଟେରୀ (Draw of lots) ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । |
| ୩) | ସ୍ଥିରୀକୃତ ହେଇଥିବା MGQ ଲଘୁ ଖଣିଜଦ୍ରବ୍ୟର ବାର୍ଷିକ ପରିମାଣ ସହିତ ଲିଜଧାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ବାଲି ରୟାଲଟି ଗୁଣନ କରି ସଂପୃକ୍ତ ରାଶିର ୨୫%, ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଅମାନତ ରାଶି (Security Deposit) ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ବିନା ସୁଧ (Interest Free) ରେ ରଖାଯିବ । |
| ୪) | ସର୍ବୋଚ୍ଚ ନିଲାମଧାରୀ ସୈରାତ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତି ହୋଇଥିବା Mining Plan ବାବଦରେ ମୂଲ୍ୟ ପଇଠ କରିବାକୁ ହେବ । ପୁନଶ୍ଚ ନିଜ ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିବେଶ ମଞ୍ଜୁରୀ (Environmental Clearance) ସଂପୃକ୍ତ ଅଧିକାରୀଙ୍କ ପାଖରୁ ହାସଲ କରିବେ । |
| ୫) | ଯଦି ସର୍ବୋଚ୍ଚ Additional Charge ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରୀତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ଵିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ । |
| ୬) | ଯଦି ଦ୍ଵିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶିଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority) ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ । |
| ୭) | ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ । |
| ୮) | ଯଦି ଦରଖାସ୍ତକାରୀ ସରକାରୀ ଅତିରିକ୍ତ ଦେୟ ଧାର୍ଯ୍ୟ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । |
| ୯) | ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ଵାରା ଧାର୍ଯ୍ୟ କରାଯାଇଥିବା Surface Rent, Dead Rent ଓ Royalty ପଇଠ କରିବେ । |
| ୧୦) | ଲିଜଧାରୀ ଉପରୋକ୍ତ ଦେୟ ସହିତ District Mineral Foundation (DMF) and Environmental Management Fund (EMF) ବାବଦ ଅର୍ଥ ରାଶି ବାର୍ଷିକ ଅଗ୍ରିମ ଆକାରରେ ପ୍ରଦାନ କରିବେ । |
| ୧୧) | ନିଲାମଧାରୀ OMMC Rule-2016 ରେ ନିୟମ-33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ୍ୟ ହେବେ । |
| ୧୨) | ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟ କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ । |

Scanned with CamScanner

| | |
|---|---|
| ୧୩) | ନିଲାମଧାରୀ ଜମା ରୟାଲଟିର ୨% ଆୟକର ବାବଦକୁ ଟ୍ରେଜେରୀ ଚାଲାଣ ଆକାରରେ ଜମା କରିବେ । |
| ୧୪) | ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ତଥା କୌଣସି ଭାରୀଯାନ ଯେପରିକି ହାଇୱା ଇତ୍ୟାଦି ବ୍ୟବହାର କରିବେ ନାହିଁ । |
| ୧୫) | ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ରହିବେ । |
| ୧୬) | ସର୍ବୋଚ୍ଚ ନିଲାମଧାରୀ ବାଲୁକା ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to Operate) ଓଡ଼ିଶା ପ୍ରଦୂଷଣ ବୋର୍ଡରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ । |
| ୧୭) | ସର୍ବୋଚ୍ଚ ନିଲାମଧାରୀ ସମସ୍ତ ଦେୟ ଜମା କରିବାପରେ ସେ ଫାରମ-ଏନ (Form N) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ Registration (Registration Act. 1908 & Stamp Act 1899) ଅନୁଯାୟୀ ସମ୍ପାଦନ କରିବେ ଏବଂ ପରବର୍ତ୍ତୀ ବର୍ଷ ଗୁଡ଼ିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ୧୫ ତାରିଖ ପୂର୍ବରୁ ଦେୟ ପଇଠ କରିବେ । |
| ୧୮) | ସୂଚନାଫଳକ ( Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ । |
| ୧୯) | ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ । |
| ୨୦) | କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରି ପାରିବେ । |
| ୨୧) | ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜ ଧାରୀ ମାନେ ଆନୁପାତିକ ଭାବେ ବହନ କରିବେ । |

/09/21

ତହସିଲଦାର, ଗୁରୁଣ୍ଡିଆ

ଜ୍ଞାପକ ସଂଖ୍ୟା ୧୨୪୫ / ତା ୨୪/୦୯/୨୦୨୧

ଏହାର ଏକକିତା ନକଲ ଉପ ଜିଲ୍ଲାପାଳ, ବଣାଇଁ / ତହସିଲ କାର୍ଯ୍ୟାଳୟ, ଲହୁଣିପଡା/ ବଣାଇଁ / କୋଇଡା / ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ / ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ତାଙ୍କ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ସୁନ୍ଦରଗଡଙ୍କୁ ଜିଲ୍ଲା website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

/09/21

ତହସିଲଦାର, ଗୁରୁଣ୍ଡିଆ

Scanned with CamScanner

# ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ କେଶ ନମ୍ବର | ଖାତା ନଂ. | ପ୍ଲଟ ନଂ. | ରକବା | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲଟି ମୂଲ୍ୟ (per cum) ଟଙ୍କାରେ | ଅତିରିକ୍ତ ଦେୟ (Additional Charge per cum) ଟଙ୍କାରେ | Mining Plan ଅନୁଯାୟୀ ବାର୍ଷିକ ଯୋଗାଣ ବାଲି ପରିମାଣ | ଅଗ୍ରୀମ ଦାଖଲ ଅମାନତ ରାଶି (Earnest Money) ର ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୪ | ବ୍ରାହ୍ମଣୀନଦୀ-ଗ (ପିତାଗାଁ ) | ପିତାଗାଁ ବାଲୁକା ଶଯ୍ୟା କେଶ ନଂ- ୦୮/୨୦୨୦ | ୧ | ୫/ସ୍ମ | ୧୨.୩୫ | ବାଲି | ୩୫/- | ୨୫/- | ୧୦୦୦୦ cum | |
| | | | | ୬/ସ୍ମ | | | | | | |

ତହସିଲଦାର, ଗୁରୁଣ୍ଡିଆ

Scanned with CamScanner

**FORM-M**

# APPLICATION FOR GRANT OF QUARRY LEASE

*[See Rule 27(4)]*

To

*THE TEHSILDAR:* GURUNDIA

***Dated:*** ____________________ ***the 2020***

Sir,

1. I/We submit an application for a quarry lease for __________________________________ ______________________________ for a term of **5 (Five)** years over __________ hectares of land in the area specified in the Annexure given below:

2. A sum of Rs. ____________ payable as fee (non-refundable) for grant of such lease under sub-Rule (4) of Rule-27 of the Odisha Minor Mineral Concession Rules, 2016 has been paid in the Government Treasury at ________________ and the receipt Challan bearing No.__________/ dated______________ is enclosed.

3. The Required particulars are given below: -

(i) An affidavit stating that no mining due payable under the Act and Rules made there under is outstanding against the applicant.

(ii) Where land belongs to private persons, consent of all such persons for grant of quarry lease.

(iii) Solvency certificate and list immovable property from the Revenue Authority.

4.

I. Name and Address of the applicant: ________________________________ ________________________________________________

II. Nationality of the applicant: ________________________________

III. Profession of the applicant: ________________________________

IV. Particulars of the areas, mineral-wise, within the State for which the applicant or any person having joint interest with him: ____________________________

(a) Already holds a quarry lease: ____________________________

(b) Has already applied for a quarry lease but not granted: ________________

(c) Being applied for simultaneously: ____________________________

(d) Nature of joint interest, if any:____________________________

V. Means by which the minor minerals is/ are to be raised, i.e. whether manual or mechanical.

VI. Manner in which the minor minerals raised to be utilized: -

a) For manufacture: ____________________________

b) For sale: ____________________________

c) Any other purpose: ____________________________

*Scanned with CamScanner*

VII. Details of the plan boundary description and land schedule of the areas applied for to be enclosed.

VIII. Has the applicant any previous experience in quarrying/ mining ? if yes, details should be given:____________________________________________

__________________________________________________

IX. Financial Resources of the applicant:

(i)

(ii)

X. Total investment in the operations anticipated: __________________________

XI. Any other particulars which the applicant wishes to furnish.

(a) Name of the village/ Forest Block: ________________________________

(b) Whether the area belongs to scheduled area: _________________________

(c) Details of the area applied for in each Survey Number:____________________

(d) Full description of the area applied for with regard to natural features: _______________________________________________________

_______________________________________________________

(e) District: ________________________________________________

5. Rate of additional charge (per cubic meter) quoted: - Rs.______________________

**NB:** *The application shall be summarily rejected if the rate of royalty quoted is less than the rate of royalty specified in Schedule-II*

I/ We hereby declare that the particulars furnished above are correct and undertake to furnish other details, plan etc., as may be required by you.

**Yours faithfully,**

**Place:** ________________

**Date :** ________________

**(Signature of the applicant)**

| | |
|---|---|
| NB: | If the application is signed by an authorized agent of the applicant, the power of attorney should be attached. |

Scanned with CamScanner

# ତହସିଲଦାରଙ୍କ କାର୍ଯ୍ୟାଳୟ, ଗୁରୁଣ୍ଡିଆ

ବିଜ୍ଞାପନ ସଂଖ୍ୟା- ୧୨୪୬ ତା- ୨୪/୦୮/୨୦୨୧

## ନିଲାମ ବିଜ୍ଞାପନ

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁନ୍ଦରଗଡ଼ ଜିଲ୍ଲା ଅଧିନସ୍ଥ ଗୁରୁଣ୍ଡିଆ ତହସିଲ ଅଧୀନରେ ଥିବା ସୈରାତ ଉତ୍ସ (ବାଲୁକା ଶଯ୍ୟା) ପିତାଗାଁ ବାଲୁକା ଶଯ୍ୟାର ଆଗାମୀ ପାଞ୍ଚ ବର୍ଷ ନିମନ୍ତେ (ଦୀର୍ଘ ମିଆଦି ) ଲିଜ ପାଇଁ ଜଉମୁଦ ଦିଆ ଟେଣ୍ଡର ମଧାମରେ ସର୍ବ ସାଧାରଣରେ ନିଲିମ କରାଯିବ । ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ , ଆବେଦନର ବିବରଣୀ ଓ ନିୟାମାବଳୀ ସୁନ୍ଦରଗଡ଼ ଜିଲ୍ଲା ୱେବସାଇଟରେ www.sundargarh.nic.in ରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଗୁରୁଣ୍ଡିଆ ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଧାରିତ କାର୍ଯ ଦିବସରେ ଯୋଗାଯୋଗ କରି ପାରିବେ ।

ଦରଖାସ୍ତ ରେଜିଷ୍ଟ୍ରୀ /ସ୍ପୀଡ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର ଗୁରୁଣ୍ଡିଆଙ୍କ କାର୍ଯ୍ୟାଳୟରେ ଥିବା Tender Box ରେ ପକେଇପାରିବେ । ଦରଖାସ୍ତ ଗ୍ରହଣ ତାରିଖ ୧୭/୧୧/୨୦୨୧ରିଖ ଠାରୁ ତା୨୫/୧୧/୨୦୨୧ରିଖ ଅପରାହ୍ନ ୫.୩୦ଘଟିକା ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା୨୬/୧୧/୨୦୨୧ରିଖ ୧୧ ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ କରାଯିବା । କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ଦ୍ୱିତୀୟ ନିଲାମ ତା୦୭/୧୨/୨୦୨୧ରିଖ ଏବଂ ଦ୍ୱିତୀୟ ତାରିଖରେ ହେଇ ନ ପାରିଲେ ତୃତୀୟ ତା୧୭/୧୨/୨୦୨୧ରିଖ (ଦିବା ୧୧.୦୦ ଘଟିକା) ସମୟରେ ଅନୁଷ୍ଠିତ ହେବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ସୁନ୍ଦରଗଡ଼ ଙ୍କର କ୍ଷମତା ପରିସର ଭୁକ୍ତ ଅଟେ ।

ସ୍ୱା/-

ତହସିଲଦାର, ଗୁରୁଣ୍ଡିଆ

Scanned with CamScanner